## ସଂକ୍ଷେପରେ

### ବୁଢ଼ୀ ଠାକୁରାଣୀ ମନ୍ଦିର ବିବାଦ ମାମଲା

### ଉନ୍ନୟନ କାର୍ଯ୍ୟ, ନୀତିକାନ୍ତିରେ ବାଧା ନ ଦେବାକୁ ଦେବୋତ୍ତର କମିଶନଙ୍କ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ୍,୨୪।୯:** ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ବିବାଦ ମାମଲାରେ ଦେବୋତ୍ତର କମିଶନ ମନ୍ଦିର ଉନ୍ନୟନ କାର୍ଯ୍ୟ ଏବଂ ନିତୀକାନ୍ତିରେ ବାଧା ସୃଷ୍ଟି ନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଦେବୋତ୍ତର ବିଭାଗର ପତ୍ରାଙ୍କ ନଂ.୭୧୪୫/୧୫।୯।୧୮ ରେ ଏହା ଜଣାପଡିଛି । ସୂଚନାଯୋଗ୍ୟ, ବୁଢ଼ୀ ଠାକୁରାଣୀ ମନ୍ଦିର ଏବଂ ଉନ୍ନୟନ କାର୍ଯ୍ୟକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି । ଏହାକୁ ନେଇ ମନ୍ଦିର ଟ୍ରଷ୍ଟି କେତେକ ସେବାୟତଙ୍କ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲା ହାଇକୋର୍ଟରେ ପହଞ୍ଚିବା ପରେ ଦେବୋତ୍ତର ବିଭାଗରେ ଅଭିଯୋଗ କରାଯିବା ନେଇ ନିର୍ଦ୍ଦେଶ ଦିଆଯାଇଥିଲା । ଦେବୋତ୍ତର କମିଶନ କେତେକ ବିଶୃଙ୍ଖଳିତ ସେବାୟତଙ୍କ ନାମ ଉଲ୍ଲେଖ କରି ସେମାନଙ୍କୁ ମନ୍ଦିରର ପୂଜାର୍ଚ୍ଚନା, ନିତୀକାନ୍ତିରେ ବାଧା ସୃଷ୍ଟି ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

### ମାନବ ଅଧିକାର ସୁରକ୍ଷାମଞ୍ଚର ଘଣ୍ଟ ଯାତ୍ରା

**ବ୍ରହ୍ମପୁର ଅଫିସ୍,୨୪।୯:** ୨ ଦଫା ଦାବି ନେଇ ସୋମବାର ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟ ପିଟା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନିରାମୟ ଯୋଜନା ୨୦୧୫ ଏବଂ ନିଦାନ ଯୋଜନା ୨୦୧୮ ଉଭୟ ଲୋକମାନଙ୍କ ପାଇଁ ହୋଇଥିଲେ ମଧ୍ୟ ଅସାଧୁ ଡାକ୍ତର ଘରୋଇ କମ୍ପାନୀ ଏବଂ ନିଦାନ କେନ୍ଦ୍ରଗୁଡିକରେ ଦଲାଲଗିରି କରି ଏହାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିବାରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି । ନିରାମୟ ଔଷଧ ଉପଲବ୍ଧ ଥିବା ସତ୍ତ୍ୱେ ଡାକ୍ତରମାନେ ରୋଗୀଙ୍କୁ ଘରୋଇ ଦୋକାନରୁ ଔଷଧ ଆଣିବା ଲାଗି ବାଧ୍ୟ କରାଉଥିବା ବେଳେ ରୋଗୀ ଦେଖା ସମୟରେ ବିଭିନ୍ନ ଔଷଧ କମ୍ପାନୀ ଏଜେଣ୍ଟମାନଙ୍କ ଅବାଧ ପ୍ରବେଶ କରି ତାଙ୍କ କମ୍ପାନୀର ଔଷଧ ଲେଖିବା ପାଇଁ ସଲାସୁତୁରା କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ମେଡିକାଲ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତା ଉପରେ କଟୁ ସମାଲୋଚନା କରିବା ସହିତ ଅସାଧୁ, ଦୁର୍ନୀତିଗ୍ରସ୍ତ ଯେପରି ଦଲାଲଗିରିଙ୍କୁ ପ୍ରୋତ୍ସାହନ ଯୋଗାଉଥିବା ଏମ୍‌କେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ପ୍ରକୋଷ୍ଠରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ମଞ୍ଚ ସଂଯୋଜକ ଅବନୀ କୁମାର ଗୟାଙ୍କ ନେତୃତ୍ୱରେ ବୁଦ୍ଧିଜୀବୀମାନେ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ ।

■ ବ୍ରହ୍ମପୁର ନଗର କଂଗ୍ରେସର ଅଭିଯୋଗ

# ବିଏମ୍‌ସିର ୫ ବର୍ଷରେ ବାଧାପ୍ରାପ୍ତ ହୋଇଛି ବିକାଶ

ବ୍ରହ୍ମପୁର ଅଫିସ,୨୪।୯

■ ବିଜେଡି କହିଲା ବହୁମୁଖୀ ଉନ୍ନତି ହୋଇଛି

■ ପରିଷଦର କାର୍ଯ୍ୟକାଳ ୫ ଦିନରେ ସରିବ

ବ୍ରହ୍ମପୁର ମହାନଗର ନିଗମ ନିର୍ବାଚିତ ପରିଷଦର ୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ରେଶମ ନଗରୀ ବିକାଶ ବାଧାପ୍ରାପ୍ତ ହୋଇଛି । ସମୁଦାୟ ୩୯୧,୯୩୮ କ.ମି. ସଡ଼କ ମଧ୍ୟରୁ ଅର୍ଦ୍ଧେକ ଖାଲଖମାରେ ଶୋଚନୀୟ ହୋଇଯାଇଛି। ଫଳରେ ଯାନବାହନ ଓ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି । ୪୩୨,୬୫୮ କି.ମି. ଡ୍ରେନ ରହିଛି ଏବଂ ଆବଶ୍ୟକ ମୁତାବକ ପୁନରୁଦ୍ଧାର କରାଯାଉ ନ ଥିବାରୁ ଅଧିକାଂଶ ପୋତି ହୋଇ ବର୍ଷା ହେଲେ ନାଳ ପାଣି ରାସ୍ତା ଉପରେ ଲହଡ଼ି ମାରୁଛି। ବସ୍ତି ଅଞ୍ଚଳର ଭିତ୍ତିଭୂମି ବିକାଶ ପ୍ରତି ଅଣଦେଖା କରାଯାଇଥିବାରୁ ବାସିନ୍ଦାମାନଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି । ୨୦୧୩ ଫାଇଲିନ କ୍ଷତିର ମୁକାବିଲା ପାଇଁ ବିଶ୍ୱବ୍ୟାଙ୍କ ଦେଇଥିବା ପ୍ରାୟ ୨ଶହ କୋଟି ଟଙ୍କା ୫ ବର୍ଷ ମଧ୍ୟରେ ବିନିଯୋଗ ହୋଇ ନ ପାରି ବିପୁଳ ପରିମାଣର ଅନୁଦାନ ପଡ଼ି ରହିଛି । ଦୀର୍ଘ ୧୬ ବର୍ଷ ହେବ ପୌର ଶାସନ ବିଜେଡି ଦଖଲରେ ଅଛି ଏବଂ ପରିଚାଳନାଗତ ଅପାରଗତାରୁ ସହରାଞ୍ଚଳ ଅବସ୍ଥା ବିଗିଡ଼ି ଯାଇଛି । ବ୍ରହ୍ମପୁର ନଗର କଂଗ୍ରେସ ପକ୍ଷରୁ ଏଭଳି ଅନେକ ଅଭିଯୋଗ କରାଯାଇଛି । ସୂଚନାଯୋଗ୍ୟ, ଆଉ ମାତ୍ର ୫ ଦିନ ପରେ ପରିଷଦ ଓ ମେୟରଙ୍କ କାର୍ଯ୍ୟକାଳ ଶେଷ ହେବ । ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା କହିଛନ୍ତି, ମହାନଗରର ସ୍ୱାଭିମାନ ରାମଲିଙ୍ଗମ ବିଶାଳ ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଲାଗି ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବାର ଅଢ଼େଇ ବର୍ଷ ବିତିଛି । ସେହି କାର୍ଯ୍ୟ ଅଧାପନ୍ତରିଆ ରହିଛି । କଠିନ ବର୍ଜ୍ୟବସ୍ତୁ ରାସାୟନିକ ପଦ୍ଧତିରେ ପରିଚାଳନା ନିମନ୍ତେ ପ୍ରସ୍ତାବିତ ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ଲାଗି ହୋଇଥିବା ଶିଳାନ୍ୟାସର ୫ ବର୍ଷ ବିତିବା ପରେ ବି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ । କେନ୍ଦ୍ର ସରକାରଙ୍କ ଅମୃତ ଯୋଜନାରେ ବ୍ରହ୍ମପୁର ସାମିଲ ହୋଇଛି ଓ ଏ ବାବଦରେ ମଞ୍ଜୁର ଅନୁଦାନ ଠିକଣା ଭାବେ ବିନିଯୋଗ ହୋଇନାହିଁ । ତେଣୁ ନିର୍ବାଚିତ ପରିଷଦର ପାରିବା ପଣିଆ ପଦାରେ ପଡ଼ିଛି ।

ଅପରପକ୍ଷରେ ପୁରାତନ ପୌର ସଂସ୍ଥାର ୧୫୧ ବର୍ଷ ଗତ ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସରେ ପୂର୍ତ୍ତି ହୋଇଛି। ଏଥିନିମନ୍ତେ ବହୁ ଲକ୍ଷ ଟଙ୍କା ବ୍ୟୟରେ ଆଡ଼ମ୍ବର ପୂର୍ଣ୍ଣ ଉତ୍ସବ ଆୟୋଜନ କରଯାଇଥିଲା । ସେହି ପରିପ୍ରେକ୍ଷୀରେ ସହରାଞ୍ଚଳ ଉନ୍ନତି ନେଇ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା । ଗତ ୫ ବର୍ଷରେ ମହାନଗର ଉନ୍ନତି ପାଇଁ ୧୧୫୮ କାର୍ଯ୍ୟ ହାତକୁ ନିଆଯାଇ ଏ ବାବଦରେ ୧୫୭.୩୩ କୋଟି ଟଙ୍କାର ଟେଣ୍ଡର ହୋଇଥିବା ଦର୍ଶାଯାଇଥିଲା । ତନ୍ମଧ୍ୟରୁ ୮୦.୭୭ କୋଟିର କାର୍ଯ୍ୟ ସରିଛି ଏବଂ ଅବଶିଷ୍ଟ ୭୬.୫୫ କୋଟିର ଉନ୍ନତି କାର୍ଯ୍ୟ ଆସନ୍ତା ନଭେମ୍ବର ସୁଦ୍ଧା ଶେଷ ହେବାର ଲକ୍ଷ୍ୟ ଥିବା ବିଏମସିର ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା ।

ଆଗାମୀ ପୌର ଓ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମହାନଗରର ୪୦ ୱାର୍ଡରେ ଆମ ୱାର୍ଡ ଓ ଆମ ଉନ୍ନତି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଚାଲିଛି । ପ୍ରତି ୱାର୍ଡ ପିଛା ସରକାର ୫୦ ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର କରିଛନ୍ତି । କର୍ପୋରେଟରମାନେ ଏହାର ଫାଇଦା ନେବାର ବାଟ ଖୋଲା ଯାଇଥିବା ନଗର କଂଗ୍ରେସ ଅଭିଯୋଗ କରିଛି। ବିଏମ୍‌ସିରେ ଅନେକ ଅନିୟମିତତା ହୋଇଥିବା ଦର୍ଶାଇ ଏହାର ଭିଜିଲାନ୍ସ ବା ଉଚ୍ଚସ୍ତରୀୟ ତଦନ୍ତ କଂଗ୍ରେସ ଦାବି କରିଛି । ନଗର କଂଗ୍ରେସର ଏହି ଅଭିଯୋଗ ଉପରେ ବିଜେଡି ଜବାବ ରଖିଛି । ପୌରସଂସ୍ଥା ବହୁବର୍ଷ ଧରି କଂଗ୍ରେସ ଦଖଲରେ ଥିଲା ଓ ସହରାଞ୍ଚଳ ଉନ୍ନତି ସ୍ୱପ୍ନ ହୋଇଯାଇଥିଲା । ଗତ ୧୫ ବର୍ଷର ବିଜେଡି ଶାସନରେ ମହାନଗରରେ ବହୁମୁଖୀ ବିକାଶ ହୋଇଥିବା ବିଜେଡି ପକ୍ଷରୁ କୁହାଯାଇଛି ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର



@ ଦେବାଶିଷ



@ ଓମପ୍ରକାଶ



@ ଗୌତମ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

■ ୨୬ରେ କୃମି ନାଶକ ଦିବସ

# ଘରୋଇ ସ୍କୁଲକୁ ଔଷଧ ପ୍ରଦାନ



ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ।

**ବ୍ରହ୍ମପୁର ଅଫିସ୍,୨୪।୯:** ଆସନ୍ତା ୨୬ତାରିଖରେ କୃମି ନାଶକ ଦିବସ ପାଳନ କରାଯିବ। ଏହି ଅବସରରେ ପ୍ରଥମରୁ ୧୯ବର୍ଷ ବୟସ୍କଙ୍କୁ କୃମି ନାଶକ ଔଷଧ ପ୍ରଦାନ କରାଯିବ। ଏ ନେଇ ଏକ ବୈଠକ ସ୍ଥାନୀୟ ଟାଉନ୍‌ହଲରେ ସୋମବାର ଅନୁଷ୍ଠିତ ହୋଇଥିଲା । ବ୍ରହ୍ମପୁର ସହରରେ ଥିବା ଘରୋଇ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକ ଏବଂ ଅଧ୍ୟକ୍ଷଙ୍କୁ ଡକାଯାଇଥିଲା । ସେମାନଙ୍କୁ ଔଷଧ ଏବଂ ସଚେତନତାମୂଳକ ପୋଷ୍ଟର୍‌ଗୁଡ଼ିକ ବଣ୍ଟା ଯାଇଥିଲା । ଶିଶୁଙ୍କୁ ସୁସ୍ଥ ରଖିବା ପାଇଁ ବିଭିନ୍ନ ସମୟରେ ସରକାରୀସ୍ତରରେ ବିଭିନ୍ନ ପ୍ରକାର ରୋଗର ଔଷଧ ପ୍ରଦାନ କରାଯାଇଥାଏ । କିନ୍ତୁ ଘରୋଇ ସ୍କୁଲଗୁଡ଼ିକ ଏଥିରେ ସହଯୋଗ କରି ନ ଥାନ୍ତି । ଔଷଧର ପାର୍ଶ୍ୱପ୍ରତିକ୍ରିୟା ଆଶଙ୍କାରେ ଛାତ୍ରୀଛାତ୍ରଙ୍କୁ ଔଷଧ ଖୁଆଇ ନ ଥାନ୍ତି । ଫଳରେ କାର୍ଯ୍ୟକ୍ରମଗୁଡ଼ିକ ବିଫଳ ହୋଇଥାଏ । କୃମି ନାଶକ ଦିବସରେ ମଧ୍ୟ ଏଭଳି ହେବାର ସମ୍ଭାବନା ସୃଷ୍ଟି ହୋଇଥିଲା । ଏଣୁ ଜିଲାପାଳଙ୍କ ନିର୍ଦ୍ଦେଶରେ ସୋମବାର ଏହି ବୈଠକ ଡକାଯାଇଥିଲା । ଏଥିରେ ପ୍ରାୟ ୮୦ପ୍ରତିଶତ ଘରୋଇ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଅଧ୍ୟକ୍ଷମାନେ ଯୋଗ ଦେଇଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର ଯୋଗଦେଇ ସମସ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ସହଯୋଗ କାମନା କରିଥିଲେ । ଶିଶୁଙ୍କ ମଧ୍ୟରେ ରକ୍ତ ହୀନତା ଦୂର କରିବା ଏବଂ ଉପଯୁକ୍ତ ପୋଷଣ ପାଇଁ ଏହି ଔଷଧର ଆବଶ୍ୟକତା ରହିଛି । ଆଲବେଣ୍ଡାଜୋଲ୍ ପିଲାଙ୍କ ପାଇଁ ସୁରକ୍ଷିତ ଔଷଧ । ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ । ଏଣୁ ସମସ୍ତ ସ୍କୁଲ ଏହି କାର୍ଯ୍ୟକ୍ରମରେ ସାମିଲ୍ ହେବାକୁ ସେ ଆହ୍ୱାନ ଦେଇଥିଲେ। ଶିଶୁମାନଙ୍କ ପାଇଁ ସିରପ୍ ଏବଂ ବୟସ୍କଙ୍କୁ ବଟିକା ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ଭାଗୀଦାରି ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ । ବ୍ରହ୍ମପୁର ସହରରେ ମୋଟ ୨୩୬ ସରକାରୀ ଏବଂ ଘରୋଇ ସ୍କୁଲ ରହିଛି। ମୋଟ ୬୩ ହଜାର ୫୧ ଶିଶୁଙ୍କୁ ଔଷଧ ପ୍ରଦାନ କରାଯିବ। ସେଥିରୁ ୫୩ ହଜାର ୫୧ଜଣଙ୍କୁ ସ୍କୁଲରେ ଏବଂ ୧୦ହଜାର ଶିଶୁଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରରେ ଔଷଧ ଦିଆଯିବ । ଏଥି ପାଇଁ ୭୮ଜଣ ଆଶା, ୩୫ ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ୧୯୬ ଅଙ୍ଗନୱାଡ଼ି କର୍ମୀଙ୍କୁ ନିୟୋଜିତ କରାଯାଇଛି । କାର୍ଯ୍ୟକୁ ତଦାରଖ କରିବା ପାଇଁ ୧୨ ସୁପରଭାଇଜର୍ ରହିବେ । ଯେଉଁ ଶିଶୁମାନେ ୨୬ତାରିଖରେ ଔଷଧ ସେବନ କରିପାରିବେ ନାହିଁ, ସେମାନଙ୍କୁ ଅକ୍ଟୋବର ୩ତାରିଖରେ ଔଷଧ ଦିଆଯିବ ।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲଲାଟେନ୍ଦୁ ଦାସ, ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରକାଶ ମହାପାତ୍ର, ଜିଲା କୁଷ୍ଠ ଅଧିକାରୀ ଡା. ଗୀତାଞ୍ଜଳି ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ, ସହରାଞ୍ଚଳ ସ୍ୱାସ୍ଥ୍ୟ ଅତିରିକ୍ତ ପ୍ରକଳ୍ପ ପରିଚାଳକ ଲମ୍ବୋଦର ଦିଗାଲ୍, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

### ଯୁବକଙ୍କୁ ଆକ୍ରମଣ ମାମଲା, ୫ ଗିରଫ

**ବ୍ରହ୍ମପୁର ଅଫିସ୍,୨୪।୯:** ବ୍ରହ୍ମପୁର ରେଳପଥ ଷ୍ଟେଶନ୍ ରାସ୍ତାରେ ଶନିବାର ବିଳମ୍ବିତରାତ୍ରିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା । ଏହି ମାମଲାରେ ଗୋଷାଣୀନୂଆଗାଁ ପୋଲିସ ସୋମବାର ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫମାନେ ହେଲେ ପ୍ରେମନଗର ଦ୍ୱିତୀୟ ଲେନ୍‌ର ନାରାୟଣ ପୃଷ୍ଟି, ଶ୍ରୀରାମନଗର ୧୦ମ ଲେନର ନରେଶ କୁମାର ନାୟକ, ଚର୍ଚ୍ଚ ରୋଡ୍ ବଗୁଲି ସାହିର ଜଗନ୍ନାଥ ଚୌଧୁରୀ, ରଙ୍ଗୁଣି ବନ୍ଧ ସାହିର ସୁନୀଲ ପାଢ଼ୀ ଏବଂ ଶ୍ରୀରାମନଗର ନିକଟସ୍ଥ ମହାରଣା ସାହିର ଆନନ୍ଦ ଚୌଧୁରୀ ।

ପ୍ରକାଶଯେ, ୨୨ ତାରିଖ ବିଳମ୍ବିତ ରାତ୍ରି ପ୍ରାୟ ୧ଟା ୪୦ ମିନଟରେ ନେହେରୁନଗର ଅଷ୍ଟମ ଲେନ୍‌ର ନିତେନ କୁମାର ସାହୁ ବିଶାଖାପାଟଣାରୁ ଟ୍ରେନରେ ଆସି ଷ୍ଟେଶନ ରୋଡ୍‌ସ୍ଥିତ ହୋଟେଲକୁ ଯାଉଥିଲେ । ଏହି ସମୟରେ ଅଭିଯୁକ୍ତମାନେ ତାଙ୍କୁ ଆକ୍ଷେପ କରି ବିଭିନ୍ନ ଗାଳିଗୁଲଜ କରିଥିଲେ । ନିତେନ ସେମାନଙ୍କ ସହ ଯୁକ୍ତି ତର୍କ କରିବା ପରେ ଅତର୍କିତ ଭାବେ ସମସ୍ତ ଅଭିଯୁକ୍ତ ମାଡ ମାରିଥିଲେ । ମରଣାନ୍ତକ ଆକ୍ରମଣରେ ନିତେନ ଆହତ ହୋଇଥିବା ବେଳେ ଥାନାରେ ଏତଲା ଦେଇଥିଲେ। ନଂ. ୧୧୦/୧୮ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସୂଚନାଯୋଗ୍ୟ, ଆକ୍ରମଣ କରିଥିବା ଅଭିଯୁକ୍ତମାନେ ନିତେନଙ୍କ ସାଙ୍ଗ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ମନାନ୍ତରକୁ ନେଇ ଏଭଳି ଆକ୍ରମଣ ହୋଇଥିଲା ବୋଲି ପୋଲିସ ପ୍ରକାଶ କରିଛି ।

# ୧୩୪ ଅଭିଯୋଗର ଶୁଣାଣି

ବ୍ରହ୍ମପୁର ଅଫିସ୍,୨୪।୯

ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୩୪ ଅଭିଯୋଗ ଶୁଣାଣି କରାଯାଇଥିଲା । ସେଥିରେ ୧୮ ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୪ ଗ୍ରାମ ସମସ୍ୟା ଏବଂ ବଳକା ବିଭିନ୍ନ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା । ସେଥିରୁ ୯୬ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ରେଡକ୍ରସ୍ ତରଫରୁ ୧୬ଜଣଙ୍କୁ ୮୨ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ, ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ରାଉତରାୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

### ସମ୍ରାଟ ବିଦ୍ୟାମନ୍ଦିରର ବିଜ୍ଞାନ ମେଳା : ୮୦ ପ୍ରକଳ୍ପ ପ୍ରଦର୍ଶିତ

**ବ୍ରହ୍ମପୁର ଅଫିସ, ୨୪।୯:** ଶରଧାବାଲିସ୍ଥିତ ସମ୍ରାଟ ବିଦ୍ୟାମନ୍ଦିରରେ ସୋମବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମ୍ରାଟ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ବିଜ୍ଞାନର ସଦୁପଯୋଗ ଓ ମଣିଷର ଜୀବନରେ ଏହାର ଉପଯୋଗିତା ଉପରେ ମୁଖ୍ୟଅତିଥି ମିଶ୍ର ଆଲୋକପାତ କରିଥିଲେ । ବିଚାରକ ଭାବେ ଗଣିତ ଅଧ୍ୟାପକ ଜ୍ୟୋତି ପ୍ରକାଶ ଦାଶ ଓ ପ୍ରାଚିସ୍ମିତା ପଟ୍ଟନାୟକ ଯୋଗ ଦେଇଥିଲେ। ଚରୋଟି ବିଭାଗରେ ୮୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସବ ସିନିୟରରେ ଶୁଭଶ୍ରୀ ମହାରଣା ପ୍ରଥମ ହୋଇଥିବା ବେଳେ ଦିବ୍ୟଶ୍ରୀ ଦ୍ୱିତୀୟ ହୋଇଥିଲେ । ସିନିୟର (ଯୁଗଳ) ବିଭାଗରେ ସମ୍ପିତ କୁମାର ସାହୁ ଓ ସତ୍ୟବ୍ରତ ପ୍ରଧାନ ପ୍ରଥମ ଏବଂ କ୍ରିଷ୍ଣା ପ୍ରଧାନ ଓ ଏସ ଦିଲ୍ଲୀପ ଦୋରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଜୁନିୟର ବିଭାଗରେ ଅର୍ପିତା ବାରିକ ପ୍ରଥମ, ସୁଚିସ୍ମିତା ସେଠୀ ଦ୍ୱିତୀୟ ହୋଇଥିଲେ । ସବ ଜୁନିୟର ବିଭାଗରେ ସୋମେଶ ମହାରଣା ପ୍ରଥମ ଓ ତେଜେଶ୍ୱର ଦାଶ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଗୀତାଞ୍ଜଳି ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ରାଟ ବିଦ୍ୟାମନ୍ଦିର ସମ୍ପାଦକ ସୂର୍ଯ୍ୟନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ । ବିଦ୍ୟାମନ୍ଦିର ଆଚାର୍ଯ୍ୟା ଆଚାର୍ଯ୍ୟ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା । ଏହି ଅବସରରେ କଣ୍ଢେଇ ମେଳା ଅନୁଷ୍ଠିତ ହୋଇଥିଲା ।



ବିଜ୍ଞାନ ମେଳାରେ ପ୍ରତିଯୋଗୀଙ୍କ ସହ ବିଚାରକ ଓ ଅନ୍ୟମାନେ ।

# ୬ ଦଫା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ

ବ୍ରହ୍ମପୁର ଅଫିସ୍,୨୪।୯

## ଅଗ୍ନିଶମ କର୍ମଚାରୀଙ୍କ ଅସନ୍ତୋଷର ନିଆଁ

■ ଜରୁରିକାଳୀନ ସେବା ଗୁରୁତର ପ୍ରଭାବିତ

■ ଦମକଳ କେନ୍ଦ୍ର ସମ୍ଭାଳିଲେ ଗୃହରକ୍ଷୀ

■ ଦକ୍ଷିଣ ଓଡ଼ିଶାର ୧୩୫୬ କର୍ମଚାରୀ ସାମିଲ୍

ନିଆଁ ଲାଗୁ କି ନଇରେ କେହି ନିଖୋଜ ହୋଇଯାଆନ୍ତୁ, ପୁଣି ଗୃହପାଳିତ ପଶୁଙ୍କୁ ଉଦ୍ଧାର ହେଉ ଅବା ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସାଳୟରେ ପହଞ୍ଚାଇବା । ଏସବୁ ଜରୁରିକାଳୀନ ସେବା ଯୋଗାଇ ଆସୁଥିବା ଅଗ୍ନିଶମ ବିଭାଗର କର୍ମଚାରୀମାନେ ମଧ୍ୟ ସରକାରୀ ଅବହେଳାର ଶିକାର ହେଉଛନ୍ତି । ଦୀର୍ଘ ବର୍ଷ ହେଲା ଅବହେଳାକୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷର ନିଆଁ ସୋମବାର ଉଗ୍ରରୂପ ନେଇଛି । ଅଗ୍ନିଶମ ବିଭାଗର କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ୬ ଦଫା ଦାବି ପୂରଣ ନ ହେବା ଯାଏ, ଆନ୍ଦୋଳନ ଚାଲିବ ବୋଲି କର୍ମଚାରୀମାନେ ଚେତବାନୀ ଦେଇଛନ୍ତି ।





ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

କର୍ମଚାରୀଙ୍କ ଅଭିଯୋଗ ହେଲା, ପୋଲିସ କର୍ମଚାରୀଙ୍କ ଅପେକ୍ଷା ଏମାନଙ୍କ କାର୍ଯ୍ୟ କଷ୍ଟଦାୟକ ହୋଇଥିଲେ ମଧ୍ୟ ଦରମା କମ୍। ଏଣୁ ସମାନ ଦରମା ଓ ଭତ୍ତା ପ୍ରଦାନ କରାଯାଉ । ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା 'ହାବିଲଦାର୍ ଏବଂ ଫାୟାର୍‌ମ୍ୟାନ୍ ସଂଘ'କୁ ତୁରନ୍ତ ସରକାର ପଞ୍ଜୀକରଣ କରନ୍ତୁ । ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଛନ୍ତି । ଲୋକଙ୍କ ଜୀବନ ବଞ୍ଚାଇବାକୁ ଯାଇ ନିଜ ଜୀବନକୁ ବାଜି ଲଗାଇ ଦେଉଛନ୍ତି । ହେଲେ ସେମାନଙ୍କ ନିଯୁକ୍ତିକୁ ନିୟମିତ କରାଯାଉନି । ଦୀର୍ଘ ବର୍ଷ ହେଲା ଠିକାରେ କାର୍ଯ୍ୟ କରୁଛନ୍ତି । ଏଣୁ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଦରମାଭୁକ୍ତ କରିବା ସହିତ ଅଗ୍ନିଶମ କର୍ମଚାରୀଙ୍କୁ ନିଜ ଜିଲା ଏବଂ ଆବଶ୍ୟକ ସ୍ଥଳେ ନିକଟସ୍ଥ ଜିଲାରେ ନିଯୁକ୍ତି ଦିଆଯାଉ । ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ତୁରନ୍ତ ପେନ୍‌ସନ୍ ଓ ଅବସର କାଳୀନ ପ୍ରାପ୍ୟ ପ୍ରଦାନ କରାଯାଉ । ରାଜ୍ୟର ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଅଗ୍ନିଶମ କର୍ମଚାରୀଙ୍କୁ ଦୈନିକ ୮ଘଣ୍ଟା ଡ୍ୟୁଟିରେ ମୁତୟନ କରାଯାଉ । ଏପରିକି କେଉଁ କାର୍ଯ୍ୟ କରିବେ, ତାହା ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଉ । ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥାରେ ଖାଲି ପଡ଼ିଥିବା ପଦବୀ ତୁରନ୍ତ ପୂରଣ କରିବାକୁ ଦାବି କରାଯାଇଛି। ଉପରୋକ୍ତ ଦାବିଗୁଡ଼ିକୁ ନେଇ ସୋମବାରରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ହୋଇଛି। ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ରହିଛି ୧୦ଜିଲାର ୧୦୭ ଦମକଳ କେନ୍ଦ୍ର । ସେହି ଜିଲାଗୁଡ଼ିକ ହେଲା ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି, ନୂଆପଡ଼ା ଏବଂ କୋରାପୁଟ। ଏହି ଜିଲାଗୁଡ଼ିକରେ ୯୭୬ ଫାୟାର୍‌ମ୍ୟାନ୍, ୮୬ଡ୍ରାଇଭର୍, ୧୮୫ଡ୍ରାଇଭର୍ ହାବିଲଦାର ଏବଂ ୧୦୯ଫାୟାର୍‌ମ୍ୟାନ୍ ଡ୍ରାଇଭର୍ କାର୍ଯ୍ୟ କରୁଛନ୍ତି । ଏତେ ସଂଖ୍ୟକ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ୍ ହୋଇଥିବା ଯୋଗୁ ଜରୁରିକାଳୀନ ସେବା ଠପ୍ ହୋଇଯାଇଛି । କାମଚଳା ଭାବେ ଗୃହରକ୍ଷୀଙ୍କୁ ନିୟୋଜିତ କରାଯାଇଛି । କିନ୍ତୁ ନିଆଁ ଲିଭାଇବା, ଦମକଳ ଗାଡ଼ି ଚଳାଇବା ଏବଂ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସେମାନେ ଅଜ୍ଞ ଥିବା ଯୋଗୁ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ବ୍ରହ୍ମପୁରସ୍ଥିତ ଦମକଳ କେନ୍ଦ୍ରରେ ୮ ଗୃହରକ୍ଷୀ ନିୟୋଜିତ ହୋଇଛନ୍ତି । ଭାରପ୍ରାପ୍ତ ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁଙ୍କ କହିବାନୁଯାୟୀ, କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ସେମାନଙ୍କ ସ୍ଥାନରେ ଗୃହରକ୍ଷୀଙ୍କୁ ନିୟୋଜିତ କରାଯାଇଛି ବୋଲି ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ନଦୀରୁ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କ.ନୂଆଗାଁ,୨୪।୯(ଡି.ଏନ୍.ଏ.)- କ.ନୂଆଗାଁ ଥାନା ଅଞ୍ଚଳରୁ କାଲିପେନୁ ନଦୀରେ ଭାସି ଆସି ସୁରାପାଙ୍ଗା ନିକଟ ଚିଲିକାରେ ଏକ ପଥର ସନ୍ଧିରୁ ଜଣେ ଯୁବକଙ୍କ ମୃତ ଦେହ ପୋଲିସ ଉଦ୍ଧାର କରିଛି । ସେ ହେଲେ କୁଦ୍ଗୁଲି ପଞ୍ଚାୟତ ଡାମି ଟୁଡୁ ଗ୍ରାମର ଭୁସୁକା ମଲିକ (୫୮)। ଭୁସୁକାଙ୍କ ସ୍ତ୍ରୀ କହିବା ଅନୁସାରେ ଗତ ୨୨ରୁ ସିନ୍ଦିରି ଗାଁ ଶଶୁର ଘରକୁ ଯାଇଥିଲେ। କିନ୍ତୁ ସେଠାରୁ ଫେରିନଥିବାରୁ ପରିବାର ଲୋକ ବହୁ ଖୋଜାଖୋଜି କରି ପାଇନଥିଲେ। ତେଣୁ ସନ୍ଦେହ ହୋଇଥିଲା। ନଦୀ ପାର ହେବା ବେଳେ ଦୁର୍ଘଟଣା ହୋଇଥିବା ସ୍ତ୍ରୀ ପ୍ରକାଶ କରିଥିଲେ। ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ନଂ. ୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଏଏସ୍ଆଇ ପଙ୍କଜ ପ୍ରଧାନ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଚାନ୍ଦ ମଣିସିଂ ପ୍ରକାଶ କରିଛନ୍ତି। ଚିଲିକାର ଏକ ପଥର ସନ୍ଧିରେ ଅଜଣା ମୃତଦେହ ଲାଗି ଥିବା ଖବର ପାଇଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ କରି ଡାମି ଟୁଡୁ ଗ୍ରାମର ଭୁସୁକା ବୋଲି ଜାଣିବାକୁ ପାଇଥିଲା।

### କେବିଡି କଲେଜ ଲାଇବ୍ରେରିରେ ଅଗ୍ନିକାଣ୍ଡ

କବିସୂର୍ଯ୍ୟନଗର,୨୪।୯-କବିସୂର୍ଯ୍ୟ ବଳଦେବ ବିଜ୍ଞାନ କଲେଜ ହରିହର ଲାଇବ୍ରେରିରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କା ମୂଲ୍ୟର ଆସବାବପତ୍ର, ବହି ପୋଡ଼ି ନଷ୍ଟ ହୋଇଛି । ଏ ନେଇ କଲେଜ ଅଧକ୍ଷ ପ୍ରାଣକୃଷ୍ଣ ପଟ୍ଟନାୟକ ଓ ଲାଇବ୍ରେରିଆନ ସୀମାଞ୍ଚଳ ନାହାକ ପୃଥକ ଭାବେ ଥାନାରେ ଅଭିଯୋଗ କରିଛନ୍ତି। ସୋମବାର ସକାଳେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି । ରବିବାର ରାତିରେ କୌଣସି ଅସାମାଜିକ ବ୍ୟକ୍ତି ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି । ବରିଷ୍ଠ କିରାଣି ନାରାୟଣ ନାୟକ ଏହା ଜାଣିବା ପରେ ଫୋନ ଯୋଗେ ଲାଇବ୍ରେରିଆନ ନାହାକ ଓ ଲାଇବ୍ରେରୀ ଆଟେଣ୍ଡେଣ୍ଟ ଦେବୀ ଦାସଙ୍କୁ ଜଣାଇଥିଲେ। ସେମାନେ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ ଏ ସମ୍ପର୍କରେ ରାତ୍ର ଜଗୁଆଳି କୌଣସି ତଥ୍ୟ ଦେଇ ନ ଥିବା ଅଭିଯୋଗ ହୋଇଛି ।



# କଲ୍ୟାଣ ଶିକ୍ଷକ,ଶିକ୍ଷା ନିରୀକ୍ଷକଙ୍କ ଜିଲାସ୍ତରୀୟ ସମ୍ମିଳନୀ

ରାଇକିଆ,୨୪।୯(ଡ଼ି.ଏନ.ଏ.)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ନେଡ଼ିପଦର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ କନ୍ଧମାଳ ଶାଖାର ଜିଲାସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଂଘ ସଭାପତି ରମେଶ କୁମାର ସାହୁଙ୍କ ଅଧକ୍ଷାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ରାଜ୍ୟ ସଂଘ ସଭାପତି ପ୍ରସାଦ ହରିଚନ୍ଦନ, ସମ୍ପାଦକ ରବି କୁମାର ମିଶ୍ର, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସିଂ ଯୋଗ ଦେଇଥିଲେ । ଛାତ୍ରୀ ଏବଂ ଛାତ୍ର ନିବାସ, ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା ହୋଇଥିଲା ।


ସମ୍ମିଳନୀରେ ଉପସ୍ଥିତ ଅତିଥି ବୃନ୍ଦ।

ବିଶେଷ କରି ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଅଭାବ, ହଷ୍ଟେଲରେ ୱାର୍ଡ଼େନ ନିଯୁକ୍ତି, ଦରମା ସମ୍ପର୍କିତ ସମସ୍ୟା ଉପରେ ବିଭିନ୍ନ ବିଦ୍ୟାଳୟରୁ ଆସୁଥିବା ଶିକ୍ଷକମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଦାବି ଜଣାଇଥିଲେ । ଏହି ଅବସରରେ ନୂତନଭାବେ ଯୋଗ ଦେଇଥିଲା ଜିଲା ମଙ୍ଗଳ ସମ୍ପ୍ରସରଣ ଅଧିକାରୀ ଚାରୁଲତା ମଲିକ, ଅତିରିକ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅରବିନ୍ଦ ରାୟଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅତିଥି ଭାବେ ଶିକ୍ଷା ମଣ୍ଡଳାଧିଶା ରେବତୀ ଦେଇ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲା ସଂଘ ସମ୍ପାଦକ ସରୋଜ କୁମାର ସାହୁ, ଆଇନ ପରାମର୍ଶଦାତା ବିଜୟ କୃଷ୍ଣ ପଟ୍ଟନାୟକ ଏବଂ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ■୭ ନଂ.ୱାର୍ଡରେ ପାନୀୟ ଜଳ ସମସ୍ୟା
# ୱାର୍ଡବାସୀଙ୍କ ହୋହଲ୍ଲା, ପୋଲିସର ହସ୍ତକ୍ଷେପ


ପାଣି ପାଇଁ ହୋହଲ୍ଲା କରୁଛନ୍ତି ୱାର୍ଡବାସୀ।

ଗଞ୍ଜାମ,୨୪।୯(ଡି.ଏନ.ଏ.)

ଗଞ୍ଜାମ ଏନ୍ଏସି ୭ ନଂ. ୱାଡ କୈବର୍ତ୍ତ ସାହିରେ ଦୀର୍ଘଦିନ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଛି । ୧୯ ତାରିଖରେ ସାହିର ମହିଳା, ପୁରୁଷ ହାଣ୍ଡି ମାଠିଆ ଧରି ଏନଏସି କାର୍ଯ୍ୟାଳୟଠାରେ ହୋହଲ୍ଲା କରିବା ସହ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ. ନୀଳକଣ୍ଠ ନାଇଡୁଙ୍କୁ ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦିନ କାର୍ଯ୍ୟନିର୍ବାହୀ ଅଧିକାରୀ ନାଇଡୁ ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସୋମବାର ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ କୈବର୍ତ୍ତ ସାହିକୁ ଯାଇଥିବା ବେଳେ ଲୋକେ ତାଙ୍କୁ ଘେରିଯାଇ ସାହିକୁ ପାଣି କେବେ ଆସିବ ବୋଲି ପ୍ରଶ୍ନ କରିଥିଲେ। କୌଣସି ସୂତ୍ରରୁ ଖବରପାଇ ଗଞ୍ଜାମ ଥାନା ସେକେଣ୍ଡ ଅଫିସର ହୃଷୀକେଶ ପଣ୍ଡା ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ପିଏଚଡି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ୧୦ ଦିନ ମଧ୍ୟରେ ସମସ୍ୟା ସମାଧାନ ହୋଇଯିବ ବୋଲି ସେକେଣ୍ଡ ଅଫିସର ପଣ୍ଡା ୱାର୍ଡବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ସମସ୍ୟା ସମାଧାନ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ପିଏଚଡି କନିଷ୍ଠ ଯନ୍ତ୍ରୀ ଆଶିଷ କୁମାର ବରାଳ ଉକ୍ତ ସାହିରେ ପାନୀୟ ଜଳ ସମସ୍ୟା ରହିଥିବା ସ୍ୱୀକାର କରିବା ସହ ଖୁବଶୀଘ୍ର ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି। ସେପଟେ ୧୦ ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟା ସମାଧାନ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ୱାର୍ଡବାସୀ କହିଛନ୍ତି ।

# ତପ୍ତପାଣି ଘାଟିରେ ଟ୍ରକ ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର

ଦିଗପହଣ୍ଡି/ପାଟପୁର, ୨୪।୯ (ଡି.ଏନ.ଏ.)

ଗଞ୍ଜାମ-ଗଜପତି ଜିଲା ସୀମାନ୍ତ ତପ୍ତପାଣି ଘାଟିରେ ସାର ବୋଝେଇ ଟ୍ରକ୍ (ନଂ. ଓଆର୦୪ଜିଏ୩୪୧୬) ଓଲଟି ପଡ଼ିବାରୁ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କେନ୍ଦୁଝର ଜିଲା ପାଟଣା ଥାନା ଉଦୟପୁର ଗ୍ରାମର ଟ୍ରକ ଚାଳକ ରବୀନ୍ଦ୍ର ନାଥ ମହାନ୍ତ (୩୫), ହେଲପର ମନୋରଞ୍ଜନ ମହାନ୍ତି (୨୫) ଓ ଦେବୀ ପ୍ରସାଦ ମହାନ୍ତ (୨୭)। ସେମାନଙ୍କୁ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସୋମବାର ଜୟପୁରରୁ ଭାୟା ବ୍ରହ୍ମପୁର ଦେଇ ବାଲେଶ୍ୱର ଅଭିମୁଖେ ଯାଉଥିବା ଟ୍ରକଟି ବ୍ରେକ ଫେଲ୍ କାରଣରୁ ସକାଳ


ଦୁର୍ଘଟଣାଗ୍ରସ୍ତ ଟ୍ରକ ।

ପ୍ରାୟ ସାଢ଼େ ୮ରେ ତପ୍ତପାଣି ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଚାଳକ ରବୀନ୍ଦ୍ର ଟ୍ରକ ଭିତରେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଥିଲା। ଖବର ପାଇ ପାଟପୁର ଥାନା ଆଇଆଇସି ରମେଶ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିଛନ୍ତି। ନଂ. ୧୮୧/୧୮ରେ ଏକ ମାମଲା ରୁଜୁ ହୋଇଛି।

# ମଦ ଜବତ, ଜଣେ ଗିରଫ

ବୁଗୁଡ଼ା,୨୪।୯(ଡି.ଏନ.ଏ.)

ବୁଗୁଡ଼ା ଥାନା ନିମପଦର ଗ୍ରାମ ନିକଟରୁ ବୁଗୁଡ଼ା ପୋଲିସ ଚଢ଼ାଉ କରି ଶନିବାର ସନ୍ଧ୍ୟାରେ ଜନୈକ ଯୁବକଙ୍କୁ ବ୍ୟାଗରେ ମଦ ଧରି ଯାଉଥିବା ବେଳେ ଗିରଫ କରିଛି। ସେ ହେଲେ ନିମପଦର ଗ୍ରାମର କବିରାଜ ସାହୁ। ତାଙ୍କଠାରୁ ୭୬ ପ୍ୟାକେଟ ଦେଶୀ ମଦ ଜବତ ହୋଇଛି। ଏନେଇ ବୁଗୁଡ଼ା ଥାନାରେ କେସ୍ ନଂ. ୨୧୧/୧୮ରେ ଏକ ମାମଲା ରୁଜୁ ହୋଇଛି। ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

## ବାର ଆସୋସିଏଶନ୍‌ର ବୈଠକ

ଖଲ୍ଲିକୋଟ,୨୪।୯(ଡି.ଏନ୍.ଏ.)

ଖଲ୍ଲିକୋଟ ବାର ଆସୋସିଏଶନ୍ ବୈଠକ ବାର୍ ସଭାପତି ସୀମାଞ୍ଚଳ ବେହେରାଙ୍କ ପୌରୋହିତ୍ୟରେ ସୋମବାର ଖଲ୍ଲିକୋଟ କୋର୍ଟ ବାର୍ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ରେମେଶ ବେହେରା, ବରିଷ୍ଠ ଆଇନଜୀବୀ ଚକ୍ରପାଣି ସ୍ୱାଇଁ, ସୁବାସଚନ୍ଦ୍ର ମହାପାତ୍ର, ବନବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖଲ୍ଲିକୋଟରେ ଏଡିଜେ କୋର୍ଟ ପ୍ରତିଷ୍ଠା ସହ ବାର୍‌ର ବିଭିନ୍ନ ସମସ୍ୟା ଏବଂ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ଆଇନଜୀବୀ ନିଖିଳ ପଟ୍ଟନାୟକ, ବୁଦ୍ଧଦେବ ରାଉତ, ରବିନାରାୟଣ ଦାସ, ମେଘନାଦ ଦଳେଇ, ଉମାଚରଣ ଦାସଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ : ଯୁବକ ଗିରଫ

ହିଞ୍ଜିଳିକାଟୁ,୨୪।୯(ଡି.ଏନ୍.ଏ.):

ହିଞ୍ଜିଳି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ସୋମବାର ବ୍ରହ୍ମପୁର ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ କରିଛି। ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯିବା ପରେ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ପକ୍ସୋ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁ କହଛନ୍ତି। ପ୍ରକାଶ ଯେ, ନାବାଳିକାଙ୍କ ବାପା, ମା' ଦିନ ମଜୁରୀ ଲାଗିବାକୁ ବାହାରକୁ ଯିବା ବେଳେ ନିଜ ମାମୁ ଘରକୁ ବାରମ୍ବାର ଆସୁଥିବା ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ସମ୍ପର୍କ ରଖିଥିଲେ। ଏପରିକି ନାବାଳିକାଙ୍କ ବିରୋଧ ସତ୍ତ୍ୱେ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ସେ ବିବାହ କରିବାକୁ ମନା କରିବାରୁ ନାବାଳିକା ଜଣକ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୨୪୪/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ବ୍ରହ୍ମପୁରରୁ ଗିରଫ କରିଛି।

# ମାପ ଓ ଓଜନ ବିଭାଗର ଚଢାଉ

ଆସିକା,୨୪।୯ (ଡି.ଏନ୍.ଏ.):

ଭଞ୍ଜନଗର ଉପଖଣ୍ଡ ମାପ ଓ ଓଜନ ବିଭାଗ ପକ୍ଷରୁ ସୋମବାର ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଥିବା କେତେକ ଚାଉଳ କଳ, ସୁନା ରୁପା ଅଳଙ୍କାର ଦୋକାନ, ପେଟ୍ରୋଲ ପମ୍ପରେ ଚଢାଉ କରାଯାଇଥିଲା । ନୂଆଗାଁସ୍ଥିତ ଗୋଟିଏ ଚାଉଳ କଳରୁ ୧୦ ହଜାର, ଗୋଟିଏ ସାର ଦୋକାନରୁ ୭ ହଜାର, ଆସିକା ସହରର ଏକ ଅଳଙ୍କାର ଦୋକାନରୁ ୫ ହଜାର ଟଙ୍କା ଓ ଅନ୍ୟଏକ ଅଳଙ୍କାର ଦୋକାନରୁ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହି ବ୍ୟବସାୟୀମାନେ ମାପ ଓ ଓଜନ ସମ୍ବନ୍ଧୀୟ ବିଧି ନିୟମ ଉଲଂଘନ କରିଥିବା ବିଧିବଦ୍ଧ ଭାବେ କାଗଜପତ୍ର ଠିକ ରଖି ନ ଥିଲେ ବୋଲି ଜଣାପଡିଛି। ଭଞ୍ଜନଗର ଉପଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀଙ୍କ ନିର୍ଦ୍ଦେଶମତେ ଏହି ଚଢାଉରେ ଆସିକା ତହସିଲଦାର ସୁବାସ ଚନ୍ଦ୍ର ସେଠୀଆ, ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବ କର, ମାପ ଓ ଓଜନ ବିଭାଗର ସହକାରୀ ନିୟନ୍ତ୍ରକ ବିନୟ କୁମାର ଦାସ, ବରିଷ୍ଠ ନିରୀକ୍ଷକ ସତ୍ୟଜିତ ବିଶ୍ୱାଳଙ୍କ ସମେତ ଆସିକା ପୋଲିସ ସାମିଲ ଥିଲେ ।




## ଏମ୍‌ବିଏ ଛାତ୍ର ହତ୍ୟା ମାମଲା
# ପ୍ରଭଞ୍ଜନଙ୍କୁ ରିମାଣ୍ଡରେ ଆଣି ତଦନ୍ତ କଲା ପୋଲିସ

ଭଞ୍ଜନଗର,୨୪।୯(ଡି.ଏନ.ଏ.)

ତାରସିଂ ଥାନା ଭୋଗରାର ଏମ୍‌ବିଏ ଛାତ୍ର ଜିତୁ ପ୍ରଧାନ ହତ୍ୟା ମାମଲାର ଅଭିଯୁକ୍ତ ପ୍ରଭଞ୍ଜନ ତ୍ରିପାଠୀଙ୍କୁ ପୋଲିସ ସୋମବାର ଭଞ୍ଜନଗର ଜେଲରୁ ରିମାଣ୍ଡରେ ଆଣିଥିଲା। ଭଞ୍ଜନଗର ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସଙ୍କ ନେତୃତ୍ୱରେ ପୋଲିସ ପ୍ରଭଞ୍ଜନଙ୍କୁ ଘଟଣାସ୍ଥଳକୁ ନେଇ ପୁଣି ତଦନ୍ତ କରିଥିଲା । ତାଙ୍କୁ ପଚରାଉଚୁରା କରିବା ପରେ ଏହି ମାମଲାରେ ତୃତୀୟ ଅଭିଯୁକ୍ତ ଥିବା ପୋଲିସ ସନ୍ଦେହ କରୁଛି। ତୃତୀୟ ଅଭିଯୁକ୍ତ ଧରାପଡ଼ିବା ପରେ ହତ୍ୟାକାଣ୍ଡର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୋଲିସ ଆଶା ରଖିଛି। ସନ୍ଧ୍ୟାରେ ରିମାଣ୍ଡ ଅବଧି ସରିବା ପରେ ପୁଣି ପ୍ରଭଞ୍ଜନଙ୍କୁ ଭଞ୍ଜନଗର ଏଡ଼ିଜେ କୋର୍ଟରେ ହାଜର କରାଯାଇଥିଲା। ପରେ ପ୍ରଭଞ୍ଜନଙ୍କୁ ଜେଲ ହାଜତକୁ ନିଆଯାଇଥିଲା। ସୂଚନାଯୋଗ୍ୟ, ୨୮ ତାରିଖରେ ଜିତୁଙ୍କୁ କୌଣସି କାରଣରୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ମୃତଦେହ ଓ ତାଙ୍କ ବାଇକ୍‌କୁ ତିନିଛକିଆ ଜଙ୍ଗଲରେ ପୋତି ଦିଆଯାଇଥିଲା। ଏହି ମାମଲାରେ ପୋଲିସ ପ୍ରଭଞ୍ଜନ ଓ ବଂଶୀଧର ଗୌଡ଼ଙ୍କୁ ଗିରଫ କରିଥିଲା। ତଦନ୍ତର ଅଧିକ ଆବଶ୍ୟକତା ଥିବା ଯୋଗୁ ପୋଲିସ ପ୍ରଭଞ୍ଜନଙ୍କୁ ରିମାଣ୍ଡରେ ଆଣିଥିଲା ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ